ମୁକ୍ତିଯୋଦ୍ଧା ଜୟୀ ରାଜଗୁରୁ

ବୀରେନ୍ଦ୍ର ମହାନ୍ତି

ଲେଖକ ପରିଚୟ:

ଶ୍ରୀ ବୀରେନ୍ଦ୍ର ମହାନ୍ତି : ସମସାମୟିକ ଓଡ଼ିଶାର ଶିଶୁ ସାହିତ୍ୟିକମାନଙ୍କ ଭିତରେ ଶ୍ରୀ ବୀରେନ୍ଦ୍ର ମହାନ୍ତି ଜଣେ ସୁପରିଚିତ ଲେଖକ । ଏହି ସ୍ରଷ୍ଟା ପିଲାମାନଙ୍କ ପାଇଁ କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ ଇତ୍ୟାଦି ପ୍ରାୟ କୋଡ଼ିଏଟି ପୁସ୍ତକ ରଚନା କରିଛନ୍ତି । ତନ୍ମଧ୍ୟରୁ 'ଥୁକୁଲୁ ଥୁକୁଲ ଥା' କବିତା ଗ୍ରନ୍ଥ ପାଇଁ ସେ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । 'ଶିଶୁ ହସିଲେ ଦୁନିଆ ହସେ' ପୁସ୍ତକ ହିନ୍ଦୀଭାଷାରେ ଅନୁଦିତ ହୋଇ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଛି । 'ଦି ଗ୍ରୀଡ଼ି କ୍ୟାଟ ଆଣ୍ଡ ଅଦର ଷ୍ଟୋରିଜ୍' ତାଙ୍କ ଲିଖିତ ଇଂରାଜୀ ସଂକଳନ । 'ସାବାସ୍ ଠେକୁଆ', 'ଅଜା ଦିନେ ମନକଥା କହିଲେ' ଗଳ୍ପ ପୁସ୍ତକ 'ଏଇ ମୋର ପ୍ରିୟ ଜନମଭୂଇଁ', 'ଠିଆପୁଚି ନାରଙ୍ଗ' କବିତା ପୁସ୍ତକ, 'ଜୟୀ ରାଜଗୁରୁ', 'କେଳୁଚରଣ ମହାପାତ୍ରଙ୍କ ଜୀବନୀ' ତାଙ୍କର କେତୋଟି ବିଶିଷ୍ଟ ରଚନା ।

ଭାରତୀୟ ମୁକ୍ତି ଯୁଦ୍ଧର ପ୍ରଥମ ଯୋଦ୍ଧା ଜୟୀ ରାଜଗୁରୁଙ୍କ ତ୍ୟାଗ, ସାହସିକତା ଓ ଦେଶପ୍ରେମର ପରିଚୟ ଏଥିରେ ସ୍ଥାନ ପାଇଛି ।

ଇତିହାସ କହେ, ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଓଡ଼ିଶାରେ ହିଁ ଆରମ୍ଭ ହୋଇଥିଲା । ଏ ଦେଶ ପାଇଁ, ଏ ଜାତିପାଇଁ, ଏ ମାଟି ମାଆ ପାଇଁ ଯେଉଁ ବୀର ଯୋଦ୍ଧାମାନେ ସଂଗ୍ରାମର ସମ୍ମୁଖ ଭାଗରେ ରହି, ଦେଶ ମାତୃକାକୁ ବିଦେଶୀ ଆକ୍ରମଣକାରୀଙ୍କ ହାତରୁ ମୁକ୍ତ କରିବା ପାଇଁ ନିଜ ଜୀବନକୁ ବିସର୍ଜନ କରିଥିଲେ, ନିଜ ଜୀବନଠାରୁ ଦେଶର ସ୍ୱାଭିମାନକୁ ବଡ଼ ବୋଲି ଭାବୁଥିଲେ, ଫାଶୀ ପାଇ ହସି ହସି ମୃତ୍ୟୁବରଣ କରି ମୃତ୍ୟୁବିଜୟୀ ହୋଇଥିଲେ, ସେହି ବୀରଯୋଦ୍ଧା, ପରମ ଦେଶଭକ୍ତମାନଙ୍କ ମଧ୍ୟରେ ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମୀ ଯୋଦ୍ଧା ବିପ୍ଳବୀ ଜୟୀ ରାଜଗୁରୁ ଅନ୍ୟତମ ।

ବିଶ୍ୱାସଘାତକ ଇଂରେଜମାନେ ଇଷ୍ଟ ଇଣ୍ଡିଆ କଂପାନୀ ଗଠନ କରି ସାରା ଭାରତବର୍ଷକୁ ନିଜ ଅଧୀନକୁ ନେବା ପରେ ଶେଷ ସ୍ୱାଧୀନ ଦେଶ ଭାବରେ ଓଡ଼ିଶାକୁ ଆଗମନ କଲେ । ଓଡ଼ିଶାରେ ସେତେବେଳକୁ ମରହଟ୍ଟାମାନେ ରାଜୁତି କରୁଥାନ୍ତି । ହାଇଦରାବାଦର ନିଜାମ, ମହୀଶୂରର

ଟିପୁସୁଲତାନ, ପଞ୍ଜାବର ଶିଖ୍ ସଂଗଠନ ପ୍ରଭୃତି ଇଂରେଜମାନଙ୍କ ଦ୍ୱାରା ଜାରି ଆଦେଶ ପ୍ରତିହତ କରିବା ପାଇଁ ନିଜ ସ୍ତରରେ ଉଦ୍ୟମ ଜାରି ରଖିଥିବା ବେଳେ ଓଡ଼ିଶାରେ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବଙ୍କ ମୁଖ୍ୟ ପରାମର୍ଶଦାତା, ପ୍ରଧାନମନ୍ତ୍ରୀ, ରାଜ୍ୟର ବେବର୍ତ୍ତା ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରି ଇଂରେଜବିରୋଧୀ ଚେତନା ସୃଷ୍ଟି କରିପାରିଥିଲେ । ପରବର୍ତ୍ତୀ ସମୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ତାପଙ୍ଗ ଦଳବେହେରା, ପିଣ୍ଡିକୀ ବାହୁବଳେନ୍ଦ୍ର, ଜୋରା ବିଶୋଇ, ଚକରା ବିଶୋଇ, ବୀର ସୁରେନ୍ଦ୍ର ସାଏ ପ୍ରମୁଖ ମୁକ୍ତି ସଂଗ୍ରାମକୁ ଆଗେଇ ନେଇଥିଲେ ।

ବାସ୍ତବିକ ବୀର କେବେ ପଛଘୁଞ୍ଚା ଦିଏନାହିଁ କି ନିଜର ଜୀବନ ଭୟରେ ଦେଶର ସ୍ୱାଭିମାନକୁ ବଳିଦିଏନାହିଁ । ଖୋର୍ଦ୍ଧା ରାଜାଙ୍କର ରାଜପୁରୋହିତ, ସେନାଧ୍ୟକ୍ଷ ଜୟୀ ରାଜଗୁରୁ ସେହିପରି ଜଣେ ସଚ୍ଚା ଦେଶଭକ୍ତ ଥିଲେ । ସେ ମାତୃଭୂମିକୁ ବିଦେଶୀ ଶତ୍ରୁମାନଙ୍କ କବଳରୁ ରକ୍ଷା କରିବା ପାଇଁ ନିଜର ପ୍ରାଣବଳି ଦେଇଥିଲେ ।

ଜୟୀ ରାଜଗୁରୁ ଥିଲେ ଜନ୍ମରୁ ବୀର । ପଣ୍ଡିତଶ୍ରେଷ୍ଠ ଗଦାଧର ରାଜଗୁରୁଙ୍କ ବଂଶରେ ଜନ୍ମଗ୍ରହଣ କରି ନିଜର ପାଣ୍ଡିତ୍ୟ, ବୀରତ୍ୱ ପ୍ରଦର୍ଶନ କରି ସାରା ଭାରତବର୍ଷର ମୁକ୍ତି ସଂଗ୍ରାମର ପ୍ରଥମ ନାୟକ ଭାବେ ପ୍ରତିଷ୍ଠିତ ହୋଇଥିଲେ । ୧୭୩୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ମାସ ୨୯ ତାରିଖ ପବିତ୍ର ଅଁଳା ନବମୀ ତିଥିରେ ଶ୍ରୀକ୍ଷେତ୍ର ନିକଟସ୍ଥ ବୀରହରେକୃଷ୍ଣପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ ।

ଶୁଣାଯାଏ, ପିଲାବେଳେ ଜୟୀ ଗୁରୁଣ୍ଡିଗୁରୁଣ୍ଡି ଦାଣ୍ଡପିଣ୍ଡାରୁ ତଳକୁ ଖସି ପଡ଼ିବାବେଳେ କାଳିଆ ଘୋଡ଼ା ଆସି ବୀରବାଳକକୁ ଅଟକାଇ ରଖିଥିଲା। ଘୋଡ଼ାର ବେକରେ ଥିବା ବେଲ୍ଟ ଧରି ଜୟୀ ଓହଳିପଡ଼ି ଖୁସି ହେଉଥିଲେ । ଏହି ସମୟରେ ପିତା ମନ୍ଦିରରୁ ପୂଜା କରି ଫେରୁଥାନ୍ତି । ପୁଅ କାଳିଆଘୋଡ଼ାର ବେକରେ ଓହଳି ଖେଳୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସେହିଦିନଠାରୁ ବାଳକ ଜୟୀ ସବୁଦିନ କାଳିଆଘୋଡ଼ା ସହିତ ଖେଳିବାକୁ ଆଗ୍ରହୀ ହେଲେ । ରକ୍ଷଣଶୀଳ ପରିବେଶ ମଧ୍ୟରେ ଜୟୀ ବାଲ୍ୟଶିକ୍ଷା ସମାପ୍ତ କରି ପାରମ୍ପରିକ ଶସ୍ତ୍ରାଦିରେ ନିପୁଣତା ଅର୍ଜନ କରିଥିଲେ ।

ପିତା ଚାନ୍ଦ ରାଜଗୁରୁ ଖୋର୍ଦ୍ଧା ରାଜାଙ୍କର କୁଳ ପୁରୋହିତ । ରାଜଗୁରୁ ପଦବୀରେ ଅଧିଷ୍ଠିତ ଥାଇ ତାଙ୍କର ଅକାଳ ବିୟୋଗ ଘଟିଲା । ମାଆଙ୍କର ଇଚ୍ଛା ଥିଲା ଜୟୀଙ୍କୁ ବିବାହ କରାଇ ସୁଖରେ

ଘରକୁ ବୋହୂଟିଏ ଆଣିଲେ ଦୁଃଖ ଲାଘବ ହେବ । ମାତ୍ର ଯିଏ ନିଜ ଦେଶପାଇଁ, ଅତ୍ୟାଚାରୀ ବିଦେଶୀ ଶାସକମାନଙ୍କ ଦାଉରୁ ପ୍ରଜାମାନଙ୍କୁ ରକ୍ଷା କରିବା ପାଇଁ ଅହରହ ଚିନ୍ତା କରୁଥିଲେ ସେ କ'ଣ ନିଜର ସୁଖ ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୋଇପାରେ ? ପୁଅର ଏପରି ହାବଭାବ ଦେଖି ମାଆ ଚିନ୍ତିତ ହୋଇ ପଡ଼ିଲେ । ଚିନ୍ତାରେ ଶଯ୍ୟାଶାୟୀ ହେଲେ । ମାଆଙ୍କର ଇଚ୍ଛାଥିଲା ପିତାଙ୍କ ଅନ୍ତେ ଖୋର୍ଦ୍ଧାରାଜାଙ୍କର ରାଜଗୁରୁ ପଦବୀରେ ଜୟୀ ଅଧିଷ୍ଠିତ ହୁଅନ୍ତୁ । ସେତେବେଳକୁ ଖୋର୍ଦ୍ଧା ରାଜା ଜୟୀଙ୍କୁ ବାରମ୍ବାର ଖବର ପଠାଉଥାନ୍ତି । ସେହି ସମୟକୁ ନିଜ ଗାଁ ପାଖ ଅଂଚଳରେ ବର୍ଗୀମାନଙ୍କଦ୍ୱାରା ସାଧାରଣ ଲୋକ ଅତ୍ୟାଚାରିତ ହୋଇ ବିକଳ ହେଉଥାନ୍ତି । ଲୋମହର୍ଷଣକାରୀ ହିଂସାକାଣ୍ଡରେ ଜନସାଧାରଣ ଅତିଷ୍ଠ ହୋଇ ପଡୁଥିବା କଥା ଜାଣି ବିପ୍ଳବୀ ଜୟୀ ନିରୀହ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖୋର୍ଦ୍ଧା ରାଜାଙ୍କୁ ସାକ୍ଷାତ କଲେ । ଏହାପରେ ରାଜଗୁରୁ ପଦବୀରେ ଅଧିଷ୍ଠିତ ହେଲେ ଯୁବକ ଜୟୀ ରାଜଗୁରୁ । ଜୟୀଙ୍କର ବିଚକ୍ଷଣ ବୁଦ୍ଧି, ଦେଶପ୍ରୀତି, ଭକ୍ତି, ସାହସ ଓ ଶକ୍ତିକୁ ଦେଖି ରାଜା ରାଜ୍ୟର ପ୍ରଧାନମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା, ସେନାଧକ୍ଷ ଏବଂ ରାଜ୍ୟର ମୁଖ୍ୟ ବେବର୍ତ୍ତା ରୂପେ ଅବସ୍ଥାପିତ କଲେ । ବିପ୍ଳବୀ ବୀର ନିଜର ଦାୟିତ୍ୱ, କର୍ତ୍ତବ୍ୟକୁ ଠିକ୍ ଭାବରେ ସଂପାଦନ କରିବାକୁ ଯାଇ ନିଜର ପାରିବାରିକ ଜୀବନ କଥା ଭୁଲିଗଲେ । ସେ ସାରାଜୀବନ ଅବିବାହିତ ରହିଗଲେ ।

୧୮୦୩ରେ ଇଂରେଜମାନେ ମରହଟ୍ଟା ଶାସନାଧୀନ ଓଡ଼ିଶା ଅଧିକାର କଲେ । ସେତେବେଳକୁ ଖୋର୍ଦ୍ଧା ରାଜ୍ୟ ସ୍ୱାଧୀନ ରାଜ୍ୟ । ଏହି ଘଡ଼ିସନ୍ଧି ସମୟରେ ଦିବ୍ୟସିଂହଦେବଙ୍କର ମୃତ୍ୟୁ ଯୋଗୁ ତାଙ୍କର ନାବାଳକ ପୁତ୍ର ମୁକୁନ୍ଦଦେବ ଖୋର୍ଦ୍ଧା ରାଜସିଂହାସନରେ ଅଭିଷିକ୍ତ ହୋଇଥାନ୍ତି । ଅଭିଜ୍ଞ, ଦକ୍ଷ ରାଜନୀତିଜ୍ଞ, କୁଶଳୀ କୂଟନୀତିଜ୍ଞ, ସେନାଧକ୍ଷ, ମହାମନ୍ତ୍ରୀ, ମୁଖ୍ୟ ପରାମର୍ଶଦାତା, ବେବର୍ତ୍ତାଙ୍କ ମୁଣ୍ଡରେ ରାଜ୍ୟର ସମଗ୍ର ଭାର ଲଦି ହୋଇପଡ଼ିଲା । ମୁକୁଟବିହୀନ ସମ୍ରାଟ ରୂପେ ଜୟୀ ରାଜଗୁରୁ ଦେଶକୁ ରକ୍ଷା କରିବାପାଇଁ ଇଂରେଜମାନଙ୍କ ବିରୋଧରେ ଲଢ଼େଇ ଆରମ୍ଭ କଲେ ।

ଖୋର୍ଦ୍ଧା ରାଜ୍ୟ ଦେଇ ଇଂରେଜମାନେ ସୈନ୍ୟସାମନ୍ତ ନେଇ କଟକର ବାରବାଟୀ ଦୁର୍ଗ ଦଖଲ କଲେ । ଇଂରେଜମାନଙ୍କ ଚରମ ବିଶ୍ୱାସଘାତକତାରେ କ୍ଷୁବ୍ଧ ହୋଇ ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ଆରମ୍ଭକଲେ । 'ଶମ୍ଭୁଭାରତୀ' ନାମକ ଜଣେ ସନ୍ନ୍ୟାସୀଙ୍କୁ ସାଥୀ କରି ଗାଁ-ଗାଁରେ ଲୋକଙ୍କୁ ମତାଇ ଇଂରେଜବିରୋଧୀ ଜନମତ ସୃଷ୍ଟି କଲେ । ଫଳରେ ଗାଁ ଗାଁରେ ପାଇକ ପୁଅ, ଖଣ୍ଡାୟତପୁଅ, ବୀର, ଯୋଦ୍ଧାମାନେ ମାତିଉଠିଲେ, ତାତିଉଠିଲେ ।

ପାଇକମାନଙ୍କୁ ନେଇ ମେଳି ତିଆରି ହେଲା । ମେଳିର ମେଢ଼ି ହୋଇ ବୀର ଯୋଦ୍ଧା ଜୟୀ ରାଜଗୁରୁ ସୈନ୍ୟମାନଙ୍କୁ ତାଲିମ ଦେଲେ । ହଠାତ୍ ଦୁଇହଜାର ସୈନ୍ୟସାମନ୍ତଙ୍କୁ ନେଇ ଜୟୀ ରାଜଗୁରୁ କଟକ ବାରବାଟୀ ଦୁର୍ଗକୁ ଘେରାଉ କରି କର୍ଣ୍ଣେଲ ହାରକୋର୍ଟଙ୍କଠାରୁ ଚୁକ୍ତିପତ୍ର ଅନୁଯାୟୀ ଏକଲକ୍ଷଟଙ୍କା ଦାବିକଲେ । କର୍ଣ୍ଣେଲ ଏଭଳି ଅତର୍କିତ ଆକ୍ରମଣରେ ଭୟଭୀତ ହୋଇ ନଗଦ ଚାଳିଶହଜାର ଟଙ୍କା ପ୍ରଦାନ କଲେ, ମାତ୍ର ଚାରିଗୋଟି ପ୍ରଗଣା ଫେରସ୍ତ ପାଇଁ ରାଜି ହେଲେନାହିଁ । ଜୟୀ ରାଜଗୁରୁ ଚାଳିଶହଜାର ଟଙ୍କା ନେଇ ପାଇକମାନଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କଲେ ଓ ଇଂରେଜ ଶାସକ ବିରୋଧରେ ଯୁଦ୍ଧ ପ୍ରସ୍ତୁତିରେ ଲାଗିପଡ଼ିଲେ । ଖୋର୍ଦ୍ଧା ରାଜ୍ୟର ଗ୍ରାମାଞ୍ଚଳରୁ ବଛାବଛା ବୀର ଯୁବକମାନଙ୍କୁ ଆଣି ବରୁଣେଇଗଡ଼ରେ ଯୁଦ୍ଧ ତାଲିମ ପ୍ରଦାନ କରାଗଲା । କନିକା, କୁଜଙ୍ଗ, ବିଷ୍ଣୁପୁର ଓ ମରଚିପୁର ରାଜାମାନେ ବିଦ୍ରୋହରେ ସାମିଲ ହେବା ପାଇଁ ହାତ ବଢ଼ାଇଲେ । ଏହି ସମୟରେ ଜୟୀ ରାଜଗୁରୁ ଚତୁରତାର ସହ ମରହଟ୍ଟାମାନଙ୍କ ସାହାଯ୍ୟ ପାଇଁ ନାଗପୁର ଭୋନସଲାଙ୍କ ସହ ଗୁପ୍ତ ମନ୍ତ୍ରଣା କଲେ । କିନ୍ତୁ ଜୟୀଙ୍କ କଥାରେ ଭୋନ୍‌ସଲା ଏକମତ ହେବା ପରେ ଖୋର୍ଦ୍ଧା ରାଜ୍ୟରୁ ଗୁପ୍ତଚର ଚିଠି ସହ ସୈନ୍ୟ ସରଞ୍ଜାମର ଚିଠା ନେଇ ଯିବାବାଟରେ ସମ୍ବଲପୁରଠାରେ ଇଂରେଜମାନଙ୍କ ହାତରେ ଧରାପଡ଼ିଲେ । ଜୟୀଙ୍କର ସମସ୍ତ କୂଟନୀତିକୁ ଭଣ୍ଡୁର କରିବା ପାଇଁ ଇଂରେଜ ଶାସକ ଷଡ଼ଯନ୍ତ୍ର ରଚନା କଲେ । ନିଶାର୍ଦ୍ଧରେ ସୁଡ଼ଙ୍ଗ ମଧ୍ୟରେ ଜୟୀ ଦୁର୍ଦ୍ଧର୍ଷ ସୈନ୍ୟମାନଙ୍କୁ ତାଲିମ ଦେଉଥିଲେ । ସୈନ୍ୟ ବାହିନୀଙ୍କୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଥିଲା । ସେଗୁଡ଼ିକ ପଦାତିକ, ଅଶ୍ୱାରୋହୀ ଓ ଗଜାରୋହୀ । ଏହାଛଡ଼ା ବିଭିନ୍ନ କୁଶଳୀ ଯୋଦ୍ଧାମାନଙ୍କୁ ନେଇ ସେନାପତି ରାଜଗୁରୁ ଚାରି ଭାଗରେ ବିଭକ୍ତ କରିଥିଲେ। ପାହାଡ଼ୀ, ବାଣୁଆ, ଢେଙ୍କିଆ, ଗରିଲା ବିଭାଗରେ ମୋଟ ପନ୍ଦର ହଜାର ସୈନ୍ୟ ପ୍ରସ୍ତୁତ ହୋଇଥିଲେ । ପାହାଡ଼ୀମାନେ ବଣ ପାହାଡ଼ରେ ଲୁଚିଛପି ଶତ୍ରୁକୁ ଆକ୍ରମଣ କରିବାବେଳେ ବାଣୁଆମାନେ ଖାର, ଗନ୍ଧକ କୋଇଲା ଓ ଲୌହଗୁଣ୍ଡରେ ବାଣ ତିଆରିକରି ଆଗ୍ନେୟାସ୍ତ୍ର ପ୍ରୟୋଗରେ ଧୁରନ୍ଧର ଥିଲେ । ଢେଙ୍କିଆମାନେ ଖଣ୍ଡା, ତରୁଆଲ, ଢାଲ, ଧନୁଶର ସାହାଯ୍ୟରେ ଆକ୍ରମଣ କରୁଥିବା ବେଳେ ଗରିଲାମାନେ ପଛପଟୁ ଅତର୍କିତ ଆକ୍ରମଣ କରି ଉଭାନ ହୋଇ ଯାଉଥିଲେ । ଏହାଛଡ଼ା ସୈନ୍ୟମାନେ ଜଳଧର ବ୍ୟୂହ, ଚକ୍ରବ୍ୟୂହ, ଅର୍ଦ୍ଧଚକ୍ର ବ୍ୟୂହ, ସୂଚୀ ବ୍ୟୂହ ଓ ସେନାଶାୟୀ ବ୍ୟୂହ ରଚନା କରି ଚକମା ଦେଖାଇବାରେ ଧୁରନ୍ଧର ଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ, ରାଜାଙ୍କ କୁଳପୁରୋହିତ ଜୟୀରାଜଗୁରୁ ମନ୍ଦିର ପ୍ରଶାସକ ଦାୟିତ୍ୱ ନିଜ ହାତକୁ ନେଇଗଲେ । ଚାରୋଟି ପ୍ରଗଣାରୁ ଖଜଣା ଆଦାୟ ପାଇଁ ଖୋର୍ଦ୍ଧାରାଜ୍ୟ ତରଫରୁ ସନନ୍ଦ ଜାରି କରାଗଲା ଏବଂ ଖୋର୍ଦ୍ଧା ସେନାବାହିନୀ ପକ୍ଷରୁ ସେହି

ପ୍ରଗଣାମାନଙ୍କରେ ଆକ୍ରମଣ କରାଗଲା । ଏହି ସମୟରେ ଇଂରେଜମାନେ ଜୟୀ ରାଜଗୁରୁଙ୍କ ବିଶ୍ୱସ୍ତ ଶମ୍ଭୁଭାରତୀଙ୍କୁ ବନ୍ଦୀକରି ଜୟୀ ରାଜଗୁରୁଙ୍କୁ ସେନାଧ୍ୟକ୍ଷ ପଦରୁ ହଟାଇବା ପାଇଁ ଖୋର୍ଦ୍ଧା ରାଜାଙ୍କୁ ପ୍ରବର୍ତ୍ତାଇଲେ । ଇଂରେଜବିରୋଧୀ ଷଡ଼ଯନ୍ତ୍ରର ମୁଖ୍ୟନାୟକ ଭାବେ ଜୟୀ ରାଜଗୁରୁଙ୍କ ବିରୋଧରେ ଗୁପ୍ତ ମନ୍ତ୍ରଣା କଲେ ଓ ଖଳନାୟକ, ସ୍ୱାର୍ଥପର, ଚୁଗୁଲିଆ, ତୋଷାମଦିଆମାନଙ୍କ ସହ କୁମନ୍ତ୍ରଣା ଜାରି ରଖିଲେ ।

ଏସବୁକୁ ଭ୍ରୂକ୍ଷେପ ନକରି ଜୟୀ ରାଜଗୁରୁ ପିପିଲି ଡେଲାଙ୍ଗ ମଝିରାସ୍ତାରେ ଅତର୍କିତ ଆକ୍ରମଣ କରି ବହୁ ଇଂରେଜ ସୈନ୍ୟଙ୍କୁ ହତ୍ୟାକଲେ ଓ ବହୁ ପରିମାଣରେ ଗୁଳିଗୋଳା ବନ୍ଧୁକ ଆଦି ଆଧୁନିକ ଅସ୍ତ୍ରଶସ୍ତ୍ର ଅକ୍ତିଆର କରିଆଣିଲେ । ଇଂରେଜମାନଙ୍କର ଶୋଚନୀୟ ପରାଜୟ ପାଇଁ କର୍ଣ୍ଣେଲ ହାରକୋର୍ଟ ମାନ୍ଦ୍ରାଜ ଏବଂ କଲିକତାରୁ ଦକ୍ଷ ସୈନ୍ୟମାନଙ୍କ ସହ ମେଜର ଫ୍ଲେଚରଙ୍କୁ ଡକାଇ ପଠାଇଲେ । ୧୮୦୪ ନଭେମ୍ବର ମାସରେ ମେଜର ଫ୍ଲେଚରଙ୍କ ନେତୃତ୍ୱରେ ଇଂରେଜସେନା ଖୋର୍ଦ୍ଧାଗଡ଼ ଆକ୍ରମଣରେ ବାହାରିଲେ ।

ଇଂରେଜମାନଙ୍କ ସମରସଜ୍ଜା ଦେଖି ଗାଁ-ଗାଁରେ ଯୁବଶକ୍ତି, ପାଇକଶକ୍ତି, ଦଳେଇ, ଦଳବେହେରାମାନେ ଟୋକାମାନଙ୍କଠାରୁ ବୁଢ଼ାମାନଙ୍କ ପର୍ଯ୍ୟନ୍ତ, ଝିଅବୋହୂଙ୍କଠାରୁ ଆରମ୍ଭ କରି ବୁଢ଼ୀମାନଙ୍କ ମନରେ ବିଦ୍ରୋହର ଚମକ ସୃଷ୍ଟିହେଲା । ଉତ୍ତେଜିତ ହୋଇ ମାଟିମାଆପାଇଁ ପ୍ରାଣବଳି ଦେବାକୁ ଅଣ୍ଟାଭିଡ଼ି ଆଗେଇ ଆସିଲେ ଶହଶହ ବୀରଯବାନ । ପାଇକଆଖଡ଼ା ଦଳର ଭେଣ୍ଡିଆମାନେ ଢୋଲ, ମାଦଳ, ଶଙ୍ଖ, ମହୁରି, ବଜାଇବାକୁ ବାହାରିପଡ଼ିଲେ । ଖୋରଧା ମାଟି ତାତି ଉଠିଲା । ଇଂରେଜମାନେ ବରୁଣେଇଗଡ଼ ତଳେ ଥିବା ମୁକୁନ୍ଦ ପ୍ରସାଦ, ଜେମାଦେଇ, ପୋଡ଼ାସାହି ଅଂଚଳରେ ସୈନ୍ୟଛାଉଣୀ ସଜାଇ ପ୍ରସ୍ତୁତ ହେଲେ ଯୁଦ୍ଧ ପାଇଁ । ସେଥିପ୍ରତି ଭ୍ରୂକ୍ଷେପ ନ କରି ଗରିଲାବାହିନୀ ବରୁଣେଇ ପାହାଡ଼ ଉପରୁ ଅଗ୍ନିବର୍ଷା ପରି ଶରନିକ୍ଷେପ କରି ଶହଶହ ଇଂରେଜ ସୈନ୍ୟଙ୍କୁ ଧରାଶାୟୀ କରିଦେଲେ । ତିନିଦିନ ଧରି ବରୁଣେଇ ଅବରୋଧ ହେଲା । ଗଡ଼ର ଭେଦ ଇଂରେଜମାନେ ପାଇପାରିଲେନାହିଁ । ଘମାଘୋଟ ଯୁଦ୍ଧରେ ଗଗନପବନ ପ୍ରକମ୍ପିତ ହେଲା । ମାଟି ମାଆକୁ ରକ୍ଷା କରିବାକୁ, ନିଜର ଭିଟାମାଟିକୁ ସୁରକ୍ଷିତ କରିବାକୁ ଲୋକଙ୍କ ମନରେ ଉନ୍ମାଦନା ସୃଷ୍ଟି ହେଲା । ଇଂରେଜମାନଙ୍କୁ ଖଣ୍ଡା ତଲୁଆର ଧରି ଆକ୍ରମଣ କରିବାକୁ ପାଇକ ଜାତି, ଲଢୁଆବୀର ଖଣ୍ଡାୟତମାନେ ସିଂହ ପରି ଗର୍ଜନ କରି ଉଠିଲେ । ସେନାଧ୍ୟକ୍ଷ ରାଜଗୁରୁ ସୁଡ଼ଙ୍ଗ ମଧ୍ୟରେ ରହି ବ୍ୟୂହ ରଚନା କରିବାରେ ଲାଗିଥା'ନ୍ତି । ଗଜପତିଙ୍କର ସୁରକ୍ଷା ନିମନ୍ତେ ଗୁପ୍ତ ସୁଡ଼ଙ୍ଗ ବାଟଦେଇ ମହାରାଜା ମୁକୁନ୍ଦଦେବଙ୍କୁ ପୁରୀର ଗଙ୍ଗାମାତା ମଠକୁ ପଠାଇଦେଲେ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର

ଭୋଗ, ନୀତିନିୟମ ପାଇଁ ମଠାଧୀଶ ନରୋତ୍ତମ ଦାସଙ୍କ ପାଖକୁ ଏକ ପତ୍ର ଲେଖି ପ୍ରେରଣ କରିଥିଲେ । ଯୁଦ୍ଧର ଦୁନ୍ଦୁଭି ସମୟରେ ଜଗନ୍ନାଥଙ୍କ ପରମଭକ୍ତ, ସେବକ ଜୟୀ ରାଜଗୁରୁ ମହାପ୍ରଭୁଙ୍କର ସେବା ନିମିତ୍ତ ମଧ ସଚେତନ ଥିବା କଥା ଶୁଣିଲେ ପ୍ରତ୍ୟେକ ଓଡ଼ିଆ ମନରେ କମ୍ପନ ସୃଷ୍ଟି ହୁଏ ।

ନିଜର ନିଷ୍ଠା, ନିଃସ୍ୱାର୍ଥତା, ସାଧୁତା ଓ କର୍ମଠତାକୁ ନେଇ ମଣିଷ ଜୀବନର ପୂର୍ଣ୍ଣତା ମପାଯାଇଥାଏ । ସ୍ୱୟଂସଂପୂର୍ଣ୍ଣ ମଣିଷଟିଏ ହେବାପାଇଁ, ଦେଶର, ଜାତିର ଆଦର୍ଶ ପୁରୁଷ ହେବା ପାଇଁ ଯେଉଁ ତ୍ୟାଗ ଆବଶ୍ୟକ ତାହା ବିପ୍ଳବୀ ବୀର ଜୟୀ ରାଜଗୁରୁଙ୍କଠାରେ ପ୍ରତିପାଦିତ ହୋଇଥିଲା ।

ଯୁଗେଯୁଗେ ସାଧୁ, ସନ୍ଥ, ଦେଶପ୍ରେମୀମାନଙ୍କ ଉଦାହରଣ ସହିତ କେତେକ ଦେଶଦ୍ରୋହୀ, ଚୁଗୁଲିଆଙ୍କ ଉଦାହରଣ ମଧ କମ୍ ନଥାଏ । କେତେଜଣ ଦେଶଦ୍ରୋହୀଙ୍କ ସହାୟତାରେ ଇଂରେଜମାନେ ଗଡ଼ମଧରେ ପ୍ରବେଶ କରି ନରସଂହାର ଚଳାଇଲେ । ଶେଷରେ ଆଶ୍ଚର୍ଯ୍ୟ ଓ ନିରୁପାୟ ହୋଇ ଜାଗ୍ରତ ସିଂହ, ଲୌହମାନବ ଲୌହ ଶୃଙ୍ଖଳରେ ହେଲେ ବନ୍ଦୀ । ୧୮୦୪ ମସିହା ଡିସେମ୍ବର ମାସ ୫ ତାରିଖରେ ଜୟୀ ରାଜଗୁରୁ ବନ୍ଦୀ ହେବା ଜାଣି ମହାରାଜା ବ୍ୟସ୍ତବିବ୍ରତ ହୋଇ ଛଦ୍ମବେଶରେ ଅନ୍ୟତ୍ର ପଳାୟନ କରିବା ବାଟରେ ସେହି ନିମକହାରାମମାନଙ୍କ ସହାୟତାରେ ଧରାପଡ଼ି ବନ୍ଦୀହେଲେ । ରାଜା ମନ୍ତ୍ରୀ ଦୁହେଁ ବନ୍ଦୀ ହୋଇ ବାରବାଟୀ ଦୁର୍ଗରେ ରହିଲେ । ତଥାପି ଇଂରେଜ ଶାସକ ପୁନର୍ବାର ଭୟଭୀତ ହୋଇ ସେମାନଙ୍କୁ ମେଦିନୀପୁର ପଠାଇ ଦେଲେ ।

ବିଚାର ହେଲା ବିପରୀତ । ମାତ୍ର ଯିଏ ନିଜର ପରିବାର, ଗାଆଁ, ରାଜକୀୟ ଭୋଗ ବିଳାସକୁ ତୁଚ୍ଛ କରି, ମାଟି ମାଆପାଇଁ ଜୀବନକୁ ବାଜି ଲଗାଇଦେଇପାରିଲେ, ସେହି ପରମଭକ୍ତ, ଦେଶପ୍ରେମୀ ମୁହଁରେ କ'ଣ ମିଥ୍ୟା, ଛଳନା ଶୋଭା ପାଇପାରିବ ? ଯିଏ ସାରା ରାଜ୍ୟକୁ ନିଜର ବୋଲି ଭାବୁଥିଲା ଯିଏ ରାଜାଙ୍କୁ ଠାକୁରଙ୍କର ଚଳନ୍ତି ପ୍ରତିମା ବୋଲି ଭାବୁଥିଲା ସେହି ଠାକୁର ରାଜାଙ୍କ ବିରୋଧରେ କହିବାକୁ ତା'ର ଜିଭ ଲେଉଟିବ କେମିତି ?

ମୃତ୍ୟୁଆସନ୍ନ ଜାଣି ମଧ ବୀର ଯୋଦ୍ଧା ଦମ୍ଭର ସହିତ କର୍ଣ୍ଣେଲ ହାରକୋର୍ଟଙ୍କୁ ଧମକ ଦେଇ ନିଜର କାର୍ଯ୍ୟକୁ ମାଟି ମାଆପାଇଁ କର୍ତ୍ତବ୍ୟ ବୋଲି ଦୃଢ଼ ଜବାବ ଦେଇଛନ୍ତି ।

ଏଇ ମୃତ୍ୟୁଆସନ୍ନ ଜମାନବନ୍ଦୀରେ ଓଡ଼ିଆ ଜାତି କାହିଁକି, ସାରା ମାନବ ସମାଜକୁ ଅନୁପ୍ରାଣିତ କରିବା ପାଇଁ ଥିଲା ପ୍ରେରଣା, ଦିଗ୍‌ଦର୍ଶନ ଓ ପ୍ରତ୍ୟେକ ନାଗରିକ ନିଜର ଦେଶ ପାଇଁ ପ୍ରାଣବଳି ଦେବା ପାଇଁ ଏକ ଆହ୍ୱାନ ।

ମିଥ୍ୟା ମତାମତକୁ ନେଇ ଇଂରେଜ ଶାସକ ୧୮୦୬ ମସିହା ଡିସେମ୍ବର ୬ ତାରିଖରେ

ମେଦିନୀପୁରର ବାଘୀତୋଟା ନାଳ ନିକଟ ପୁରୁଣା ବରଗଛ ଡାଳ ଦୁଇଟିରେ ଆହତ ସିଂହକୁ ମୃତ୍ୟୁଦଣ୍ଡ ଦେଲେ । ସ୍ତବ୍ଧ ହୋଇଗଲେ ଶାଗୁଣା, ବିଲୁଆ, ତୋଟାମାଳର ପଶୁପକ୍ଷୀମାନେ । ଏଣେ ତେଣେ ଧାଇଁଲେ ଅସହ୍ୟ ବେଦନାରେ । ଘାସ ଫୁଲମାନେ ଝାଉଁଳି ପଡ଼ିଲେ । ଗଛ ଡାଳରୁ ଝରିଲା ଲୋତକ । ଖୋର୍ଦ୍ଧା ରାଇଜ ମଶାଣି ସମ ନିସ୍ତବ୍ଧ ହୋଇଗଲା । ଜୟୀ ରାଜଗୁରୁ ମରି ବି ଅମର ହୋଇଗଲେ ଯୁଗଯୁଗକୁ । ଓଡ଼ିଆ ବୀର ପାଇଁ ଭାରତ ମା' ଗର୍ବ କଲା ।

ସୂଚନାଃ

ଇଷ୍ଟଇଣ୍ଡିଆ କଂପାନୀ – ବିଲାତରୁ ବଣିଜ କରିବାକୁ ଆସିଥିବା ବ୍ୟବସାୟୀ ସଂସ୍ଥା

ଗୁରୁଣ୍ଡି ଗୁରୁଣ୍ଡି – ଆଣ୍ଠେଇ ଚାଲିବା

ବର୍ଗି – ମରହଟ୍ଟା ଅତ୍ୟାଚାରୀ ଦଳ

ଅତର୍କିତ – ହଠାତ୍, ଆଗରୁ ସତର୍କ ନକରି

ଭ୍ରୂକ୍ଷେପ – ଖାତିର

ଚୁଗୁଲିଆ – ଅନ୍ୟ ନାମରେ ଚୁଗୁଲି କରିବା ବ୍ୟକ୍ତି

ଆସନ୍ନ – ନିକଟ

ଅଭ୍ୟାସ

୧. ଉତ୍ତର କୁହ ।

(କ) 'ମୁକ୍ତିଯୁଦ୍ଧର ପ୍ରଥମ ଯୋଦ୍ଧା' ବୋଲି କାହାକୁ କୁହାଯାଇଛି ?

(ଖ) ଜୟୀ ରାଜଗୁରୁ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଗ) ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ କ'ଣ କରିବାକୁ ପଡୁଥିଲା ?

(ଘ) କିଏ ଶାସନ କରୁଥିବା ବେଳେ ଇଂରେଜମାନେ ଓଡ଼ିଶାକୁ ଆଗମନ କରିଥିଲେ ?

(ଙ) ଜୟୀ ରାଜଗୁରୁଙ୍କ ପିଲାବେଳ କିପରି କଟିଥିଲା ?

(ଚ) ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ସେନାଧ୍ୟକ୍ଷ ପଦରୁ ହଟାଇବା ପାଇଁ କି ପ୍ରକାରର ଯୋଜନା କରିଥିଲେ ?

(ଛ) ଖୋର୍ଦ୍ଧାର ବରୁଣେଇ ପାହାଡ଼ କିପରି ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ) ଜୟୀ ରାଜଗୁରୁଙ୍କୁ ମୁକ୍ତିଯୁଦ୍ଧର ପ୍ରଥମ ଯୋଦ୍ଧା ବୋଲି କାହିଁକି କୁହାଯାଇଛି ?

(ଖ) ଜୟୀ ରାଜଗୁରୁଙ୍କ ମାଆ ତାଙ୍କ ପୁଅ ପାଇଁ କି କି ସ୍ୱପ୍ନ ଦେଖିଥିଲେ ?

(ଗ) ଶମ୍ଭୁଭାରତୀ କିଏ ? ସେ କିପରି ଜୟୀ ରାଜଗୁରୁଙ୍କ ସହ ଜଡ଼ିତ ହୋଇଥିଲେ ?

(ଘ) ଯୋଦ୍ଧାମାନେ କେତେ ଭାଗରେ ବିଭକ୍ତ ହୋଇଥିଲେ ଓ ସେମାନେ କେଉଁ କାର୍ଯ୍ୟ କରୁଥିଲେ ?

(ଙ) ଜୟୀ ରାଜଗୁରୁଙ୍କ ସହ କେଉଁ କେଉଁ ଅଂଚଳର ଲୋକମାନେ ବିଦ୍ରୋହରେ ସାମିଲ ହେବାକୁ ହାତ ବଢ଼ାଇଥିଲେ ?

(ଚ) ଖୋର୍ଦ୍ଧାଗଡ଼ରେ ଇଂରେଜମାନଙ୍କ ସମରସଜ୍ଜାର ପ୍ରଭାବ କିପରି ପଡ଼ିଥିଲା ?

(ଛ) ଜୟୀ ରାଜଗୁରୁଙ୍କ ଶେଷ ଜୀବନ କିପରି କଟିଥିଲା ?

୩. ପ୍ରାୟ ୮୦ ଶବ୍ଦରେ ଉତ୍ତର ଲେଖ ।

(କ) ପୁରୀ ରାଜଦରବାରରେ ରାଜଗୁରୁ ହିସାବରେ ଜୟୀ ରାଜଗୁରୁଙ୍କ କାର୍ଯ୍ୟାବଳୀ ଲେଖ ।

(ଖ) ଜୟୀ ରାଜଗୁରୁ ଜଣେ କୂଟନୀତିଜ୍ଞ, ତାହା ତାଙ୍କ ଜୀବନରୁ କିପରି ଜଣାପଡ଼େ ବୁଝାଇ ଲେଖ ।

୪. ପ୍ରାୟ ୧୫୦ ଶବ୍ଦରେ ଉତ୍ତର ଲେଖ ।

ମହାନ ଯୋଦ୍ଧା ଭାବରେ ଜୟୀ ରାଜଗୁରୁଙ୍କର ଦେଶଭକ୍ତି ବର୍ଣ୍ଣନା କର ।

ତୁମ ପାଇଁ କାମ

- ଜୟୀ ରାଜଗୁରୁଙ୍କ ସଂପର୍କରେ ଅନ୍ୟ କବି ଓ ଲେଖକଙ୍କ ଲେଖା ସଂଗ୍ରହ କରି ପଢ଼ ।
- ବୀରେନ୍ଦ୍ର ମହାନ୍ତିଙ୍କ ଅନ୍ୟାନ୍ୟ ଶିଶୁ ସାହିତ୍ୟ ସଂଗ୍ରହ କରି ପଢ଼ ।